## ୨ ବଖରା ଜଳିଗଲା

**ନୀଳଗିରି,(ଡି.ଏନ.ଏ.)**- ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଅନ୍ତର୍ଗତ ୧୧ନଂ. ୱାର୍ଡ଼ ଗୁଣ୍ଠୁଣାସାହି ଗ୍ରାମର ବାପି ସିଂଙ୍କ ୨ ବଖରା ଘର ନିଆଁ ଲାଗି ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ର,ରାଶନସାମଗ୍ରୀ ଆଦି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବରପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୧୧ନଂ. ୱାର୍ଡ଼ର ପୂର୍ବତନ କାଉନ୍ସିଲର ଜୁଳ ଖଟୁଆ, ବିଜେଡି ଏସ୍ସି ସେଲ୍ର ଅଧକ୍ଷ ଶରତ ଦାସ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଥିଲେ।



### ସଂକ୍ଷେପରେ

## 'ସୁରଭି'ରେ ହଂସନନ୍ଦିନୀ ଜିଲା ଟପ୍ପର



**ବୈଶିଙ୍ଗା,୧୩।୧୧(ଡି.ଏନ.ଏ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ନିକଟସ୍ଥ ଜନତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ହଂସନନ୍ଦିନୀ ମହାପାତ୍ର ଶିକ୍ଷା ବିଭାଗର 'ସୁରଭି' କାର୍ଯ୍ୟକ୍ରମରେ ଜିଲା ଟପ୍ପର ହୋଇଛନ୍ତି। ସେ ସୃଜନଶୀଳ ଲିଖନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ସେ ବୈଶିଙ୍ଗା ଅଞ୍ଚଳର ଧରିତ୍ରୀ ଖବରକାଗଜ ବିକ୍ରେତା ଦୀପକ ଓ ମୋନାଲିସା ମହାପାତ୍ରଙ୍କ କନ୍ୟା। ଜିଲାର ୨୬ ଟି ବ୍ଲକ୍ରୁ କୃତିତ୍ୱ ହାସଲ କରିଥିବା ୭୦ ଜଣ ପ୍ରତିଯୋଗୀଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ହଂସନନ୍ଦିନୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ୨ ଦୋକାନରୁ ଚୋରି

**ବାସୁଦେବପୁର,୧୩।୧୧(ଡି.ଏନ.ଏ.)**-ଭଦ୍ରକ ଜିଲା ବାସୁଦେବପୁର ସହର ବ୍ଲକରୋଡ୍ରେ ଥିବା ଏକ ଲୁଗା ଓ ସାର ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଚନ୍ଦ୍ରକାନ୍ତ ବାରିକଙ୍କ ସାର ଦୋକାନ ପଛପାଖ ଟାଇଲ ଖୋଲି ଭିତରେ ପ୍ରବେଶ କରି ୧୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଧାନ ଔଷଧ(ବିଷ) ସହ ନଗଦ ୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ଏହି ଦୋକାନକୁ ଲାଗିଥିବା ଲକ୍ଷ୍ମୀନାରାୟଣ ବସ୍ତ୍ରାଳୟ ଦୋକାନରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲୁଗା ସହ ୬୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ରବିବାର ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ଦୁଇ ଦୋକାନୀ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ଉତ୍କଳ ସାମ୍ବାଦିକ ସଂଘର ବୈଠକ

**ଜଳେଶ୍ୱର,୧୩।୧୧(ଡି.ଏନ୍.ଏ):** ଉତ୍କଳ ସାମ୍ବାଦିକ ସଂଘର ସାଂଗଠନିକ ବୈଠକ ଜଳେଶ୍ୱରର ଖୁସି ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଖବରଦାତା ଅମର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଲୋକନାଥ ଦଳେଇ ଯୋଗଦେଇ ସାମ୍ବାଦିକମାନଙ୍କ ବହୁବିଧ ସମସ୍ୟା ଥିବା ବେଳେ ତାର ନିରାକରଣ ଲାଗି ସଂଘୀୟ ଜୀବନଯାପନର ଆହ୍ୱାନ ଦେଇଥିଲେ। ଯୁବ ସାମ୍ବାଦିକ ମନୋଜ ଭୂୟାଁଙ୍କୁ ଜଳେଶ୍ୱର ସଂଯୋଜକ ଭାବେ ମନୋନୀତ କରାଯାଇଥିବା ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ସ୍ମୟ ଦାସ, ଅର୍ଜୁନ ସିଂ, ଆଶିଷ ଗିରି, ବିନୟ ପ୍ରଧାନ, ଗୋପବନ୍ଧୁ ସାହୁ ଓ କବିତା ମାନ୍ଧାତା ଉପସ୍ଥିତ ଥିଲେ।

# 'ଆଦିବାସୀ ଜିଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ'

**ବାରିପଦା ଅଫିସ,୧୩।୧୧**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ରବିବାର କଂଗ୍ରେସ ପକ୍ଷରୁ ଭାରତ ଯୋଡୋ ଏବଂ ଓଡ଼ିଶା ପରିବର୍ତ୍ତନ ଯାତ୍ରା କରାଯାଇଛି। କଂଗ୍ରେସର ବରିଷ୍ଠ ନେତୃବୃନ୍ଦଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ପାଲବଣୀରୁ ବାହାରି ବଜାର ପରିକ୍ରମା କରିଥିଲେ। ୨୦୨୪ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ପାଇଁ ଆହ୍ୱାନ ଦିଆଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ହେମନ୍ତ ଦାସ, ପୂର୍ବତନ ଏଆଇସିସି ସଦସ୍ୟ ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ ନେତା ବିଜନ ଦାସ, ମାନସ ଚୌଧୁରୀଙ୍କ ସମେତ ବହୁ କର୍ମକର୍ତ୍ତା, ନେତୃବର୍ଗ ଓ ସାଧାରଣ ଜନତା ଭାରତ ଯୋଡୋ ଯାତ୍ରାରେ ସାମିଲ ଥିଲେ।

ବାରିପଦା ପାଲବଣୀଠାରୁ ଯାତ୍ରା ଆରମ୍ଭ ହୋଇ ଷ୍ଟେଶନ ବଜାର, କୃଷ୍ଣଚନ୍ଦ୍ର ଗୋଲାଇ, ଟ୍ରାଫିକ ସ୍କୟାର, ବିଜୁ ପଟ୍ଟନାୟକ ଗୋଲେଇ, ସରକାରୀ ବସ୍ଷ୍ଟାଣ୍ଡ, ଷ୍ଟିଲ ଗୋଲେଇ ଓ ଭଞ୍ଜପୁର ଦେଇ ମୁର୍ଗାବାଡି ଅଭିମୁଖେ ଯାଇଥିଲା। ୫ କି.ମି. ଯାତ୍ରା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଆଦିବାସୀ ଜିଲା ପ୍ରତି ଉଭୟ ସରକାରଙ୍କ ବୈମାତୃକ ମନୋଭାବ ଓ ଅବହେଳା ପାଇଁ ବିକାଶ ଅପହଞ୍ଚ ସାଜିଛି। ଜିଲାରେ ଆବାସ ଯୋଜନା ଫେଲ୍ ମାରିଥିବା ବେଳେ ଭିଭିଭୂମି ଥାଇ ସୁଦ୍ଧା ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ହୋଇପାରୁ ନାହିଁ। ସୁବର୍ଣ୍ଣରେଖା ଏବଂ ଦେଓ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ



ପଦଯାତ୍ରାରେ ସାମିଲ ଥିବା କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟମାନେ।

### ଭାରତ ଯୋଡୋ, ଓଡ଼ିଶା ପରିବର୍ତ୍ତନ ଯାତ୍ରା

ହେବାରେ ବିଳମ୍ବ ଯୋଗୁ ଚାଷୀ ପ୍ରକୃତ ଲାଭ ଉଠାଇପାରୁ ନହାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଆଦି ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ସରକାର ନେଉନାହାନ୍ତି। ରାସଗୋବିନ୍ଦପୁର ଏୟାରଷ୍ଟ୍ରିପର ପୁନରୁଦ୍ଧାର କରିବାରେ ଉଭୟ ସରକାର ସ୍ଥାଣୁ ପାଲଟିଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଲୋକଙ୍କୁ ବୁଝାଇଥିଲେ। ସହର ପରିକ୍ରମା ପରେ ଏହି ଯାତ୍ରା ବିଶୋଇ ଦେଇ ରାଇରଙ୍ଗପୁର ଅଭିମୁଖେ ଗସ୍ତ କରିଥିଲା। ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ, ଯୋଗେଶ ଅଗ୍ରୱାଲ, ଯୁବ ସଭାପତି ଅଂଶୁମାନ ଦାସ, ଜ୍ୟୋତି ପ୍ରକାଶ ରଥଙ୍କ ସମେତ ବହୁ କର୍ମକର୍ତ୍ତା ଓ ନେତୃବୃନ୍ଦ ଏଥିରେ ସାମିଲ ଥିଲେ।

# ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ସୂର୍ଯ୍ୟବଂଶୀ

**ଧାମନଗର,୧୩।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗରର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଲୋକଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି। ଶନିବାର ସେ ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର, ଖଡ଼ିପଦା ଓ ସୋହଡ଼ା ପଞ୍ଚାୟତରେ ଲୋକଙ୍କୁ ଭେଟିଥିଲେ। ପ୍ରଥମେ ଆନନ୍ଦପୁର ପଞ୍ଚାୟତ ବାଲିପାଟଣାସ୍ଥିତ ଜଗତେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ବାଲିପାଟଣା, ଚାନ୍ଦପାଟଣା, ମାନଲାପୁର, ପାହାଡ଼ପୁର, ଚମ୍ପାବାଗ, ଦିହୁଡ଼ି କଚେରିବାଡ଼ି ଆଦି ଅଞ୍ଚଳକୁ କୃତଜ୍ଞତା ଯାତ୍ରା କରିଥିଲେ। ଏହି ଅବସରରେ ପଞ୍ଚାୟତର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ସମ୍ପର୍କରେ ଭାବ ବିନିମୟ କରିଥିଲେ। ସେହିପରି ପାହାଡ଼ପୁର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ବସି ମଧ୍ୟାହ୍ନଭୋଜନ ଖାଇଥିଲେ।

ପଞ୍ଚାୟତର ବିଭିନ୍ନ ସ୍ଥାନରେ ମହିଳାମାନେ ବିଧାୟକଙ୍କୁ ବନ୍ଦାପନା କରିବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ପ୍ରତ୍ୟୁଷରେ ଶିଶୁମନ୍ଦିର ଛକରେ ବିଧାୟକ ପହଞ୍ଚି ଲୋକଙ୍କ ସହ ମିଶି ଚା' ପିଇବା ବେଶ୍ ଚର୍ଚ୍ଚା ହୋଇଥିଲା। ବିଧାୟକଙ୍କ ଏହି ଯାତ୍ରାରେ ସୂରଜଲାଲ ସାମଲ, ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ମୀନାକ୍ଷୀ ଶତପଥୀ, ପ୍ରମୋଦ ଆନ୍ଦିଆ, କୁଳମଣି ଶତପଥୀ, ନାରାୟଣ ଚନ୍ଦ୍ର ପୃଷ୍ଟି, ପ୍ରମୋଦ ବେହେରା, ତପନ କୁମାର ବାରିକ, ଉମାକାନ୍ତ ସାହୁ, ତରଣୀ ଯେନା, ବୃନ୍ଦାବନ ମହାନ୍ତି, ନିମାଇଁ ଚରଣ ସାହୁ, ଯଦୁନାଥ ବେହେରା, କୁମାରେଶ ଆନ୍ଦିଆ, ଦିବ୍ୟ ରଞ୍ଜନ ଆନ୍ଦିଆ, ବିଜୟ ପାତ୍ର, ମୁନା ପତି ପ୍ରମୁଖ ସାମିଲ ଥିଲେ। ପରେ ବିଧାୟକ ଖଡ଼ିପଦା ଓ ସୋହଡ଼ା ପଞ୍ଚାୟତ ଗସ୍ତ କରିଥିଲେ।

### ବିଧାୟକଙ୍କ କୃତଜ୍ଞତା ଯାତ୍ରା



ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଛାତ୍ରୀଛାତ୍ରଙ୍କ ସହ ବସି ମଧ୍ୟାହ୍ନଭୋଜନ ଖାଉଛନ୍ତି।

## ସାମ୍ବାଦିକତା ପ୍ରଶିକ୍ଷଣ ନେଲେ ୫୦ ଛାତ୍ରୀଛାତ୍ର

**ପାଟଣା,୧୩।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡିସ୍ଥିତ ଗ୍ରାମୀଣ ଜୀବିକା ତାଲିମକେନ୍ଦ୍ରରେ ୟୁନିସେଫ୍, ଧରିତ୍ରୀ ଓ ପିକକ୍ ସଙ୍ଗଠନ ତରଫରୁ ମିଳିତ ଭାବେ ଦୁଇଦିନିଆ ଶିଶୁ ସାମ୍ବାଦିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ୍ର କେନ୍ଦେଇପଶି, ଚାକୁଣ୍ଡପାଳ ଓ କଣ୍ଟିଆପଡ଼ା ପଞ୍ଚାୟତର ୧୪ ରୁ ୧୬ ବୟସର ୫୦ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିକକ୍ ସଂଗଠନର ରାଜ୍ୟ ସମ୍ପାଦକ ରଞ୍ଜନ ମହାନ୍ତି ଶିଶୁମାନେ ତାଲିମ ଗ୍ରହଣ ପରେ ସାମାଜିକ କ୍ଷେତ୍ରରେ ସାମ୍ବାଦିକତାର କିଭଳି ସଦୁପଯୋଗ କରିପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ପିକକ୍ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅନୁରାଧା ମହାନ୍ତି ଗ୍ରାମାଞ୍ଚଳରେ ଶିଶୁମାନଙ୍କ ବୌଦ୍ଧିକ ବିକାଶ ସହ ଶିଶୁ ସାମ୍ବାଦିକମାନେ ଗ୍ରହଣ କରିଥିବା ପ୍ରଶିକ୍ଷଣ ନିଜ ଅଞ୍ଚଳର ପ୍ରମୁଖ ସମସ୍ୟାକୁ ଚିହ୍ନଟ କରି ଖବର ପରିବେଷଣ କରିପାରିବେ ବୋଲି କହିଥିଲେ। ପ୍ରଶିକ୍ଷକ ଭାବେ ୟୁନିସେଫ୍ ପରାମର୍ଶଦାତା ସାରଦା ଲାହାଙ୍ଗିର ଓ କୋରାପୁଟ ଜିଲା ଦି ହିନ୍ଦୁର ବରିଷ୍ଠ ଖବରଦାତା ଟିଏଚ୍ ଶାନ୍ତାକାରା ଶିଶୁମାନଙ୍କୁ ଶିଶୁ ସାମ୍ବାଦିକତାର ଭୂମିକା, ନିର୍ଭୁଲ ତଥ୍ୟ ସଂଗ୍ରହ, ଲିଖନ ପ୍ରଣାଳୀ ଓ ଉପସ୍ଥାପନ ଶୈଳୀର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପିକକ୍ ସଙ୍ଗଠନର ଜିଲା ସଂଯୋଜକ ସତ୍ୟ ନାରାୟଣ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ଦ୍ରୌପଦୀ ବେଜ୍ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ଡିସେମ୍ବର ୯ରୁ ସତ୍ୟନାରାୟଣ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

**ଢେଙ୍କିକୋଟ, ୧୩।୧୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ୍ର ସତ୍ୟନାରାୟଣ ବିଦ୍ୟାପୀଠ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ଉତ୍ସବ ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ବେଳେ ୧୧ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ ପୂର୍ବ ଗଠିତ କମିଟିରେ ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ସମ୍ପାଦକ ରାମଚନ୍ଦ୍ର ସାହୁ ସଭାପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଫକୀରଚରଣ ସାହୁଙ୍କ ଉପସ୍ଥିତରେ ଉପଦେଷ୍ଟା ମଣ୍ଡଳୀ କୁଳମଣି ମଣ୍ଡଳ, ପୁରାତନ ଛାତ୍ର ରବୀନ୍ଦ୍ର ସାହୁ, ଗୁରୁଚରଣ ମହାନ୍ତ, ଭାଗିରଥି ପୃଷ୍ଟି, ରଞ୍ଜନ ସାହୁ, ମହେଶ୍ୱର ମହାନ୍ତ, ନିର୍ମଳଚନ୍ଦ୍ର ମହାନ୍ତ, ସେକ୍ ଜବେର ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଉପସ୍ଥିତ ରହି ତାରିଖ ଧାର୍ଯ୍ୟ କରିଥିଲେ। ଜୟନ୍ତୀରେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୧୯୭୧ ମସିହାଠାରୁ ଆଜି ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ସମସ୍ତ ଛାତ୍ରୀଛାତ୍ର ଯୋଗଦେବା ପାଇଁ ସଭାପତି ପ୍ରଫୁଲ୍ଲ ସିଂହ ନିବେଦନ କରିଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତର

**ବାହାନଗା,୧୩।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ନିକଟରେ ବାଇକ୍ ସହ ଲୁନା ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି। ସୁର୍ଦ୍ଦଶନପୁର ଅଞ୍ଚଳର ପ୍ରକାଶ ମହାଳିକ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ବାଇକ୍ ଯୋଗେ ଖନ୍ତାପଡ଼ା ଯାଉଥିବା ସମୟରେ ତାଳକୁଣିଆଁ ଅଞ୍ଚଳର ମକରନ୍ଦ ଶିଅଳଙ୍କ ଲୁନା ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ପ୍ରକାଶ ଏବଂ ସାବିତ୍ରୀଙ୍କ ସମେତ ଲୁନା ଚାଳକ ମକରନ୍ଦ ତଳେ ପଡ଼ି ଗୁରତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ଧାମନଗରର ନବନିର୍ବାଚିତ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

Shailabala Women's Autonomous College, Cuttack
Accredited with "A Grade' by N.A.A.C. (2006, 2017)

**ADMISSION NOTICE 2022 - 23**

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website **www.shailabalawomenscollege.ac.in.** Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

For Details, Call: 8249864218, 9439964289

# ପାରମ୍ପରିକ ରାଗ ସଙ୍ଗୀତରେ ଝୁମିଲେ ଦର୍ଶକ



ଜଣେ ସଙ୍ଗୀତଜ୍ଞ ସଙ୍ଗୀତ ପରିବେଷଣ କରୁଛନ୍ତି।

**ସୋର,୧୩।୧୧(ଡି.ଏନ୍.ଏ):** ସୋର ବ୍ଲକ ଜଡ଼ିଦା ପଞ୍ଚାୟତର ରୁଖୋଠାରେ ଅନୁରାଗ ପକ୍ଷରୁ ଆରମ୍ଭ ହୋଇଛି ପାରମ୍ପରିକ ସଙ୍ଗୀତ ଆସର। ରାଜ୍ୟର ବହୁ ନାମୀଦାମୀ କଳାକାର, ସଂଗୀତଜ୍ଞମାନେ ଏଥିରେ ଯୋଗ ଦେଇଛନ୍ତି। ଏମାନଙ୍କ ସହ ସହଭାଗୀ ହୋଇଛନ୍ତି ଗ୍ରାମାଞ୍ଚଳର ବହୁ ବର୍ଷୀୟାନ, ଅନୁଭବୀ, ଯୁବ ଏବଂ ଶିଶୁ କଳାକାର। ସେମାନଙ୍କ ମଧୁର ମୂର୍ଚ୍ଛନା ସୁଲଳିତ ସଂଗୀତରେ ଝଙ୍କୃରିତ ହୋଇଥିଲା ମଣ୍ଡପ। ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ ଓ ସୃଜନଶୀଳ ଲଘୁ ସଂଗୀତ, ପରିବେଷିତ ହୋଇଥିଲା। ଏହି ଅବସରରେ ପଲ୍ଲୀକବି କୃଷ୍ଣ ପ୍ରସାଦ ବେହେରାଙ୍କ ପୁରାତନ ମନଛୁଆ ସଂଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଗୁରୁ ବିଜୟାନନ୍ଦ ନାୟକ, ପ୍ରଶାନ୍ତ ଜେନା, ନେହା ନେହାରିକା, ଶୁଭାଂଶି ରାଉତ, ସୁଶାନ୍ତ ମିଶ୍ର, ବନୀତା ମହାନ୍ତି, ରତ୍ନାକର ପୃଷ୍ଟି, କୃଷ୍ଣଚନ୍ଦ୍ର ବରାଳ, ଜିତେନ୍ଦ୍ର ସାହୁ, ଶୁଭାକାଂକ୍ଷୀ, ଅଜୟ ଓ ତୁଷାର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ପୌରାଧକ୍ଷ ମାଧବ ଧଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଯଦୁନାଥ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ନିରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।

# କୂଅରୁ ଯୁବକଙ୍କ ମୃତଦେହ ଜବତ

**ମୋରଡ଼ା,୧୩।୧୧(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଓ ଚିତ୍ରଡ଼ା ଫାଣ୍ଡି ଅଧୀନ ଭଦ୍ରାଶୋଳ ଗ୍ରାମର ଏକ ଡାଗୱେଲ (ପଥର କୂଅ)ରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗ୍ରାମର ଦେବାନ ଭକ୍ତାଙ୍କ ପୁଅ ରାଜୁ ଭକ୍ତା। ସେ ଡାଗୱେଲ ନିକଟରେ ବସି କୋଚିଲା ଫଳ ଭାଙ୍ଗୁଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କୂଅ ଭିତରେ ପଡ଼ିଯାଇଥିବା ଆଶଙ୍କା କରି ସେମାନେ ଚିତ୍ରଡ଼ା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ପହଞ୍ଚି ଯୁବକଙ୍କୁ କୂଅରୁ ଉଦ୍ଧାର କରି କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୁଣି ଫେରିଲେ ୬୫ ଟିକିଆ ହାତୀପଲ

**ବୈଶିଙ୍ଗା,୧୩।୧୧(ଡି.ଏନ୍.ଏ.):** ଝାଡ଼ଖଣ୍ଡରୁ ଆସି ୬୫ଟିକିଆ ହାତୀପଲ ୧୫ ଦିନ ତଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ରହି ଆତଙ୍କ ଖେଳାଇଥିଲେ। ଜଙ୍ଗଲ ବିଭାଗ ସହାୟତାରେ ହାତୀମାନଙ୍କୁ ଘଉଡ଼ାଇ ରେଞ୍ଜ୍ ବାହାରେ ଛାଡ଼ି ଦିଆଯାଇଥିଲା। ଏକ ସପ୍ତାହ ପରେ ହାତୀପଲ ପୁଣି ଶୁକ୍ରବାର ବେତନଟୀ ରେଞ୍ଜ୍ ବନାଞ୍ଚଳକୁ ଫେରିଛନ୍ତି। ରବିବାର ସନ୍ଧ୍ୟାରେ ହାତୀପଲ ବୈଶିଙ୍ଗା ବନାଞ୍ଚଳ ସେକ୍ସନର ହାତୀଝୁରୀଠାରେ ୧୮ନଂ. ଜାତୀୟ ରାଜପଥ ପାରି ହୋଇ ଫୁଲଝରୀ, କ୍ଷିରପଦା ଓ ଭୁଡୁରୁବଣୀ ଜଙ୍ଗଲରେ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

Government of Odisha                No.AA-20:
**"e-Procurement Notice"**
**BID IDENTIFICATION NO:**
**03 /A. C.E. (T&C, STL) /2022-23, Dt.11.11.2022**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.30,15,254/- |
| 3 | Period of completion | Sixty Days (60 days) |
| 4 | Date & time of availability of bid document in the portal | Dt. 15.11.2022 (10.00 AM) |
| 5 | Last date / Time for receipt of bids in the portal | Dt. 05.12.2022 (05.00 PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL)-cum-Electrical Inspector, Bhubaneswar, Plot No. GD-2/7, Matrivihar, Bhubaneswar-751023 Phone & Fax No. 0674-2300955 E-mail ID: sestl-od@gov.in, deistll-od@gov.in |

Further details can be seen from the e-procurement portal **https://tendersodisha.gov.in.** Any amendment / cancellation / retenders, please refer to the above cited website.

**Sd./- S.K. Dash**
**Addl. Chief Engineer (T & C, STL)-Cum-E.I., Bhubaneswar**
**OIPR-04069/11/0002/2223**

**Government of Odisha**
**Higher Education Department**

**Timeline for Phase-III Admission into U.G. Courses under SAMS in the Higher Education Institutions for the Academic year 2022-23**

**No. N-58:-** Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the website www.samsodisha.gov.in | 14-Nov-2022 **(11.00 AM)** |
| 2 | Last date of applying online CAF | 17-Nov-2022 **(11.45 PM)** |
| 3 | Publication of 1st Selection Merit List in SAMS Portal | 22-Nov-2022 **(02.00 PM)** |
| 4 | Reporting of Applicants at allotted institutions for taking admission | 23-Nov-2022 and 24-Nov-2022 **(till 05.00 PM)** |
| 5 | Data updation of applicants selected in Phase-III (1st Selection) admission process | 23-Nov-2022 and 24-Nov-2022 **(till 07.00 PM)** |
| 6 | Publication of waitlisted applicants in HEI's e-Space Five (5) times the actual vacancy as on 17th-Nov-2022) | 22-Nov-2022 **(02.00 PM)** |
| 7 | Reporting of waitlisted applicants along with relevant documents in respective HEIs for taking admission | 26-Nov-2022 and 28-Nov-2022 **(02.00 PM)** |
| 8 | Selection and publication of selected applicants (from the reported applicants) in the HEI's Notice Board | 28-Nov-2022 **(03.00 PM to 05.00 PM)** |
| 9 | Validation of documents, Final Admission & data updation of the waitlisted applicants in the e-space of respective HEIs | 29-Nov-2022 **(07.00 PM)** |
| 10 | Collection of Admission fees at the respective HEIs selected in Phase-III selection process | Till 30-Nov-2022 **(07.00 PM)** |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

N.B.: Please go through the detailed U.G. Phase-III Guidelines available in U.G. SAMS website (https://samsodisha.gov.in/DegreeNew/index.aspx

**OIPR-11001/11/0041/2223**    **Sd./- Deputy Director, PTC Section**

ଧରିତ୍ରୀ
DHARITRI
ସୋମବାର, ୧୪ ନଭେମ୍ବର, ୨୦୨୨



## ଧାରଣାରୁ ଓହରିଲେ ଗ୍ରାମବାସୀ

ବଡ଼ସାହି: ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ନିର୍ମାଣାଧୀନ ଏକଲବ୍ୟ ସ୍କୁଲ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗରେ ଶନିବାରଠାରୁ ଚାଲିଥିବା ଗ୍ରାମବାସୀଙ୍କ ଧାରଣା ରବିବାର ପ୍ରତ୍ୟାହୃତ ହୋଇଛି। ଟେଣ୍ଡର ପାଇଥିବା କମ୍ପାନୀର ଜିଲା ଅଧିକାରୀ ଦୁଲାର ସୁର ଧାରଣାସ୍ଥଳକୁ ଆସି ସ୍କୁଲର ନିର୍ମାଣ କାର୍ଯ୍ୟ ଠିକ୍ ମାନର ହେବ ଏବଂ ବାକି ଥିବା ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟର ମାନ ପରଖିବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଏକ କମିଟି ଗଠନ ହେବା ନେଇ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

## ସଂକ୍ଷେପରେ

### ସ୍ୱାମୀ ତୀର ମାଡ଼ରେ ସ୍ତ୍ରୀ ଗୁରୁତର

ବାରିପଦା ଅଫିସ/ବଡ଼ସାହି,୧୩।୧୧- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଧାନପୋତା ଗ୍ରାମରେ ରବିବାର ସକାଳେ ପାରିବାରିକ କଳହକୁ ନେଇ ସ୍ୱାମୀଙ୍କ ତୀର ମାଡ଼ରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ଚୁମକୀ ସିଂ। ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳେ କୌଣସି କାରଣକୁ ନେଇ ଚୁମକୀ ଓ ତାଙ୍କ ସ୍ୱାମୀ ରଜ ସିଂଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଜ ଘରେ ଥିବା ଧନୁତୀରରେ ଚୁମକୀଙ୍କୁ ଆକ୍ରମଣ କରିଥିଲେ। ଚୁମକୀଙ୍କ ଛାତିରେ ତୀର ମାଡ଼ ହେବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଘରେ ପଡ଼ିରହିଥିଲେ। ପଡ଼ୋଶୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ପୋଲିସ ରଜଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

### ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୧୩।୧୧(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ରୁକୁଣୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣଙ୍କ ହେଲେ ଉକ୍ତ ଗ୍ରାମର ବୃନ୍ଦାବନ ବେହେରା। ଏନେଇ ମୋରଡ଼ା ଥାନାରେ ନଂ. ୪୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ମିଳିଛି। ପୋଲିସ ସୂଚନା ମୁତାବକ, ବୃଦ୍ଧ ଜଣଙ୍କ ଶନିବାର କ୍ଷେତକୁ ବଳଦ ମଣିବାକୁ ନେଇଥିଲେ। ସେଠାରେ ତାଙ୍କ ଉପରେ ମହୁମାଛି ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇ ଦୌଡ଼ିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମହୁମାଛିଙ୍କ ଆକ୍ରମଣରେ ସେଠାରେ ଅଚେତ ହୋଇଯାଇଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ କିଶାନତାଣ୍ଡି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବାରିପଦା ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗରେ ଶୋକ

ପାଟଣା,୧୩।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ର ଖବରଦାତା ତୁଷାରଜ୍ୟୋତି ମହାନ୍ତଙ୍କ ପିତା କାର୍ତ୍ତିକେଶ୍ୱର ମହାନ୍ତଙ୍କ ବିୟୋଗରେ ବହୁ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ସେ ଦୀର୍ଘଦିନ ଧରି ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତ ମଙ୍ଗଳବାର ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନା ନେବା ବାଟରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଖବରଦାତା ବୀରକିଶୋର ଦାଶ, ସନ୍ତୋଷ ପତି, ନୃସିଂହନାଥ ସିଂହ, ମହେଶ୍ୱର ପୃଷ୍ଟି, ଶିବାଜୀ ମହାନ୍ତି, କିଶୋରଚନ୍ଦ୍ର ମହାନ୍ତ, ଅଭିମନ୍ୟୁ ରାଉତ, ଅଜୟ ପ୍ରଧାନ, କାମିନୀକାନ୍ତ ଦ୍ୱିବେଦୀ, ଜିତେନ୍ଦ୍ର ସେଠୀ, ବିଜୟରତ୍ନ ପତି, ଚିରଞ୍ଜୀବ ଦାଶ, ବିଜୟ କାରୁଆ, ରଞ୍ଜନ ବାରିକଙ୍କ ସମେତ ସାହାରପଡ଼ା ଅଞ୍ଚଳର କାର୍ଯ୍ୟରତ ଖବରଦାତା ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ରସାୟନ ବିଜ୍ଞାନ ପ୍ରଫେସର ଭାବେ ସରୋଜଙ୍କ ଯୋଗଦାନ

### ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ

କୁଳିଅଣା,୧୩।୧୧(ଡି.ଏନ.ଏ): ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍‌ର ବାଇଗଣବାଡ଼ିଆସ୍ଥିତ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ତଥା ବାରିପଦା ସ୍ଥିତ ଏମକେସି ଉଚ୍ଚ ବିଦ୍ୟାଳୟର ପୂର୍ବତନ ଗଣିତ ବିଜ୍ଞାନ ଶିକ୍ଷକ ସରୋଜ ନାୟକ ଓଡିଶା ପବ୍ଲିକ୍ ସର୍ଭିସ୍ କମିଶନ(ଓପିଏସସି) ଅଧୀନରେ ହେଉଥିବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ରସାୟନ ବିଜ୍ଞାନର ସହକାରୀ ପ୍ରଫେସର ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାରିପଦାରେ ଯୋଗ ଦେଇଛନ୍ତି। ଓପିଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ସେ ଓଡ଼ିଶାରେ ନବମ ସ୍ଥାନରେ ରହିଥିଲେ। ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ, ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ, ଗୋପବନ୍ଧୁ ସାହିତ୍ୟ ସଂସଦ, ମହାରାଜ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପରି ସାହିତ୍ୟ ଅନୁଷ୍ଠାନ ଓ ନାସା ଫାଉଣ୍ଡେସନ ପରି ବିଜ୍ଞାନ ଭିତ୍ତିକ ଅନୁଷ୍ଠାନର ସଭାପତି ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଛାତ୍ରୀଛାତ୍ର ଓ ଶିକ୍ଷକ ସମାଜ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ୨ ପ୍ରକଳ୍ପ ଦୁଇଥର ଶିଳାନ୍ୟାସ

## ତାଳକୁରୁଣିଆଁ ପଞ୍ଚାୟତ ରାଜନୀତି ସରଗରମ

ବାହାନଗା,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ତାଳକୁରୁଣିଆ ପଞ୍ଚାୟତରେ ଦୁଇଟି ପ୍ରକଳ୍ପକୁ ୨ ଥର ଶିଳାନ୍ୟାସ କରାଯିବା ନେଇ ରାଜନୀତି ସରଗମ ହୋଇଛି। ବିଜେଡିକୁ ପଞ୍ଚାୟତରେ ମାତ୍ ଦେବାପାଇଁ ଭାଜପା ସକ୍ରିୟ ହୋଇଉଠିଛି। ପଞ୍ଚାୟତର ୨ଟି ପ୍ରକଳ୍ପକୁ ଗୋଟିଏ ଦିନରେ ଦୁଇଥର ଶିଳାନ୍ୟାସ କରାଯାଇଛି। ଗତ ଶନିବାର ଏହି ପଞ୍ଚାୟତରେ ୨୩କୋଟି ୫୦ ଲକ୍ଷ ଟଙ୍କାର ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଓ ବସୁଧା ଯୋଜନାର ୧ କୋଟି ୫୦ ଲକ୍ଷ ଟଙ୍କାର ପାନୀୟ ଜଳ ପ୍ରକଳ୍ପକୁ ଶିଳାନ୍ୟାସ କରାଯିବାରଥିଲା। ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା ଭାଜପା ସମର୍ଥିତ ହୋଇଥିବା ବେଳେ ଏହି ଦୁଇଟି ପ୍ରକଳ୍ପକୁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯିବାର ଯୋଜନା ହୋଇଥିଲା। ଏଥିନିମନ୍ତେ ବିଜେଡି ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇସାରିଥିଲା। ତେବେ ସ୍ଥାନୀୟ ଭାଜପା ନେତା, ସରପଞ୍ଚ ଓ ସମିତି ସଭ୍ୟା ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ପ୍ରଶାସନ ପକ୍ଷରୁ ବିଧାୟକଙ୍କ ଦ୍ୱାରା ଅପରାହ୍ନ ସାଢେ ୨ଟାରେ ଶିଳାନ୍ୟାସ ସମୟ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଭାଜପା ପକ୍ଷରୁ ପୂର୍ବାହ୍ନ ୧୦ଟାରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ଦ୍ୱାରା ଶିଳାନ୍ୟାସ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସରପଞ୍ଚ ସଞ୍ଜନା ଜେନା ଓ ସମିତି ସଭ୍ୟା ଗାୟତ୍ରୀ ଜେନାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବସୁଧା ଯୋଜନାରେ ହେବାକୁ ଥିବା ପ୍ରକଳ୍ପକୁ ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଶିଳାନ୍ୟାସ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପକୁ ମଧ୍ୟ ଶିଳାନ୍ୟାସ କରିଥିଲେ। ସରପଞ୍ଚ ଓ ସମିତି ସଭ୍ୟା ଏହି ଦୁଇଟି ପ୍ରକଳ୍ପକୁ ଶିଳାନ୍ୟାସ କରିସାରିବା ପରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ବିଧାୟକ ପର୍ଶୁରାମ ଧଡ଼ା ଶିଳାନ୍ୟାସ କରିଥିଲେ। ଏଥିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ରୀତାଲି ବେହେରା ଓ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ଦେ, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଣାକାର ଯେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଗୋଟିଏ ଦିନରେ ୨ଟି ପ୍ରକଳ୍ପକୁ ଦୁଇଦଳର ନେତୃବୃନ୍ଦ ଶିଳାନ୍ୟାସ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।


ବିଧାୟକ ପର୍ଶୁରାମ ଧଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଶିଳାନ୍ୟାସ କରୁଛନ୍ତି।

# ନେସ୍କୋ ଶକ୍ତି କର୍ମଚାରୀ ସଂଘ ବୈଠକ



ବୈଠକରେ ଉପସ୍ଥିତ ନେସ୍କୋ ଶକ୍ତି କର୍ମଚାରୀ ସଂଘର ସଦସ୍ୟମାନେ।

ବାଲେଶ୍ୱର ଅଫିସ,୧୩।୧୧

ବାଲେଶ୍ୱର ସହର ବାଲିଆ ସ୍ଥିତ ଭାଜପା କାର୍ଯ୍ୟାଳୟରେ ନେସ୍କୋ ଶକ୍ତି କର୍ମଚାରୀ ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଉମାକାନ୍ତ ପଢ଼ିଆରୀଙ୍କ ଅଧ୍ୟକ୍ଷତାରେ ଶକ୍ତି କର୍ମଚାରୀ ସଂଘର ବିଭିନ୍ନ ଦାବି ପୂରଣ ଦିଗରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଆଲୋଚନା ହୋଇଥିଲା।

ସଂଘର ସାଧାରଣ ସମ୍ପାଦକ ଡ. ଅନ୍ତର୍ଯ୍ୟାମୀ ମହାପାତ୍ର ଦୀର୍ଘଦିନ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କର ସ୍ଥାୟୀ ନିଯୁକ୍ତି ନ ହେଲେ ଶକ୍ତି କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହିତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଟିପିଏନ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ସଂଘର ସ୍ଥାୟୀ ସଭାପତି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ସମସ୍ତଙ୍କ ଉଦ୍ୟମରେ ଆଗାମୀ ଦିନରେ କର୍ମଚାରୀମାନଙ୍କର ସବୁ ପ୍ରକାର ସମସ୍ୟାର ସମାଧାନ କରାଯିବ। ସଂଘର ମୁଖ୍ୟ ଉପଦେଷ୍ଟା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କର ପ୍ରଚେଷ୍ଟା ଫଳରେ ସଂଘକୁ ଅନେକ ପ୍ରକାର ସଫଳତା ମିଳିପାରିଛି ଓ ଆଗାମୀ ଦିନ ପାଇଁ ତାଙ୍କର ସହଯୋଗ କାମନା କରିଥିଲେ। ଶୁଭେନ୍ଦୁ ସୂର୍ଯ୍ୟନାରାୟଣ ବେହେରା, ଶିବ ନାରାୟଣ ଗିରି, ପ୍ରଦୀପ ଜେନା, ସୁକାନ୍ତ ପାଢ଼ୀ, ସଂଯୁକ୍ତା ରାଣୀ ହୋତା, ପ୍ରଣବ ମହାପାତ୍ର, କମଳ ଲୋଚନ ସାହୁ, ବଳଭଦ୍ର ଗିରି, ନିଗମାନନ୍ଦ ଗିରି, ଶୋଭନା ଆଚାର୍ଯ୍ୟ, ବିଷ୍ଣୁପଦ ମିଶ୍ର, ସୁଦର୍ଶନ କର, ଦୀପକ ମହାପାତ୍ର, ସୁଶାନ୍ତ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ପ୍ରଦୀପ ମହାନ୍ତି, ଶ୍ରୀକାନ୍ତ ଦାସ, ଲମ୍ବୋଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦାବି ପୂରଣ ଉପରେ ଗୁରୁତ୍ୱ

## ଏସ୍‌ଡିଓଙ୍କୁ ଅଟକ ରଖି ଧାରଣା ଦେଲା ଠିକାଦାର ସଂଘ

ନୀଳଗିରି, ୧୩।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ କରିଥିବା ଠିକାଦାରମାନେ ବିଲ୍ ପେମେଣ୍ଟ ନ ପାଇବା ନେଇ ନୀଳଗିରି ପୂର୍ତ୍ତ ବିଭାଗର ଠିକାଦାର ସଂଘ ଏସ୍‌ଡିଓଙ୍କୁ ନଜରବନ୍ଦୀ କରି ଧାରଣା ଦେଇଥିଲେ। ନୀଳଗିରି ଠିକାଦାର ସଂଘ ନୀଳଗିରି ପୂର୍ତ୍ତ ବିଭାଗର ଏସ୍‌ଡିଓ ଦୁର୍ଗାଚରଣ ସାହୁଙ୍କ କାର୍ଯ୍ୟାଳୟରେ ନଜର ବନ୍ଦ କରି ରଖିଥିଲେ। ଠିକାଦାରମାନେ ତାଙ୍କ ଅଫିସ କାର୍ଯ୍ୟାଳୟ କବାଟ ନିକଟରେ ଧାରଣାରେ ବସିବାରୁ ଏସ୍‌ଡିଓ ବାହାରକୁ ଯାଇ ପାରି ନ ଥିଲେ। ଫଳରେ ୧ ଘଣ୍ଟାରୁ ଅଧିକ ସମୟ ଧରି ଏସ୍‌ଡିଓଙ୍କ ସମେତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ସିଂ, ନବଘନ ମାରାଣ୍ଡିଙ୍କୁ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ। ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ନୀଳଗିରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଠିକାଦାରମାନଙ୍କ ଅଭିଯୋଗ ଶୁଣିଲା ପରେ ଏନେଇ ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ସହ ଘଟଣା ବାବଦରେ ଆଲୋଚନା କରିଥିଲେ। ଆସନ୍ତା ମଙ୍ଗଳବାର ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଏସ୍‌ଡିଓଙ୍କୁ ଛାଡ଼ି ଦେଇଥିଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଞ୍ଚିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@କ୍ରିଷ୍ଣାକାନ୍ତ


@ସୁମିତ୍


@ପ୍ରଭାତ


@ସଞ୍ଜୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ରାଷ୍ଟ୍ରୀୟ ଲୋକଅଦାଲତ: ୩୩୪୦ ମାମଲା ଫଇସଲା

ବାରିପଦା ଅଫିସ,୧୩।୧୧

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାରିପଦାସ୍ଥିତ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୪ ହଜାର ୬୩ ମାମଲା ମଧ୍ୟରୁ ୩୩୪୦ଟିର ଆପୋଷ ବିଚାର କରି ୪ କୋଟି ୨ଲକ୍ଷ ୫୮ହଜାର ୫୭୬ଟଙ୍କା ଆଦାୟ ପାଇଁ ସମାଧାନ କରାଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ସଭାପତି ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକଅଦାଲତ ଅନୁଷ୍ଠିତ ହୋଇଥିଲା। ପ୍ରିଲିଟିଗେଶନ ସମ୍ବନ୍ଧୀୟ ୬୧୪୪ ମାମଲା ମଧ୍ୟରୁ ୫୫୪ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୫ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇ ମୋଟ ୨କୋଟି ୬୧ଲକ୍ଷ ୮୮ହଜାର ୩୬୧ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୧୭,୯୧୯ ମାମଲାରୁ କ୍ରିମିନାଲ କମ୍ପାଉଣ୍ଡେବଲର ୯ଟି ମାମଲା, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୫ଟି, ବ୍ୟାଙ୍କ ଋଣ ଆଦାୟ ୩ଟି, ଏମ୍‌ସିଏଟି ମାମଲା ୧୦ଟି, ବୈବାହିକ ସମ୍ବନ୍ଧୀୟ ୮ଟି, ରାଜସ୍ୱ ମାମଲା ୨୫୯୧, ଖାଉଟି ସମ୍ପର୍କିତ ୪, ସିଭିଲ ମାମଲା ୪୬ ଓ ଅନ୍ୟାନ୍ୟ ଆପରାଧିକ ଫୌଜଦାରି ମାମଲା ୮୫ଟି ସମେତ ୨୭୮୧ଟିର ଫଇସଲା କରାଯାଇ ମୋଟ ୧ କୋଟି ୪୦ ଲକ୍ଷ ୭୦ ହଜାର ୨୦୫ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି।

ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକଅଦାଲତରେ ଫ୍ୟାମିଲି କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ଜଜ୍ ଦୀପକ ରଞ୍ଜନ ସାହୁ, ସିଜେଏମ୍ ବାସୁଦେବ ଆଚାର୍ଯ୍ୟ, ସିନିଅର ସିଭିଲ ଜଜ୍ ଦୀପା ଦାସ ଓ ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ସିନିଅର ସିଭିଲ ଜଜ୍ ଅପୂର୍ବା ଚୌଧୁରୀ, ସିନିଅର ସିଭିଲ ଜଜ୍ ଦେବଶ୍ରୀ ସାହୁ, ଏସ୍‌ଡିଜେଏମ୍ କୋର୍ଟ ଜଜ୍ ଜରିନ ଖାନ, ଜଜ୍ ମନ୍ଦିରା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ଜଜ୍ ଓ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ରେଜିଷ୍ଟ୍ରାର ଆଶିଷ କୁମାର ପରିଚ୍ଛା ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଧାମନଗର, ୧୩।୧୧ (ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଚୂଡ଼ାକୁଟି ସରସ୍ୱତୀ ଶିଶୁମନ୍ଦିର ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଦ୍ୱାରା ପରିଚାଳିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୦୬ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ଖବରଦାତା ସୁଧାକର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ସନ୍ତୋଷ କୁମାର ମହାପାତ୍ର, ଉତ୍ତର ସମ୍ଭାଗ ସଂଯୋଜକ ଗଜେନ୍ଦ୍ର ପ୍ରସାଦ ସାହୁ, ରାଜ୍ୟସ୍ତରୀୟ କୋଷାଧ୍ୟକ୍ଷ ବନମାଳୀ ପଣ୍ଡା, ପ୍ରତିଯୋଗିତା ପରିଚାଳକ ବିବେକାନନ୍ଦ ପଣ୍ଡା ଓ ପରୀକ୍ଷା କେନ୍ଦ୍ର ସଂଯୋଜକ ଗୋପାଳ ଚରଣ ସାମଲ ଯୋଗ ଦେଇଥିଲେ। ବିଚାରକ ଭାବେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ପଙ୍କଜ କୁମାର ଦାସ, ଚିତ୍ର ବିଶାରଦ ଉଦୟକର ପାତ୍ର ଓ ସହଯୋଗୀ ପାର୍ଥସାରଥୀ ବେହେରା ଯୋଗ ଦେଇଥିଲେ। ସଞ୍ଜୟ କୁମାର ସେଠୀ, ସରୋଜ କୁମାର ପଣ୍ଡା, ପ୍ରମିଳା ବେହେରା, ଗୋପିକା ରାଣୀ ଦେ, ମାମିନାରାଣୀ ପାଲ, ପ୍ରୀତିଜିନ୍ତା ମହାପାତ୍ର, ସ୍ନେହମୟୀ ପଣ୍ଡା, ପଲ୍ଲିଶ୍ରୀ ରାଉତ ପ୍ରମୁଖ ଶିଶୁମନ୍ଦିର ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ, ଖଣିଜ ସଚେତନତା କାର୍ଯ୍ୟକ୍ରମ

ଯୋଡ଼ା,୧୩।୧୧(ଡି.ଏନ.ଏ)

ଭୁବନେଶ୍ୱର ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଏବଂ ଟେକ୍ନୋଲୋଜିଷ୍ଟ (ଏସଜିଏଟି) ଆନୁକୂଲ୍ୟରେ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବଡ଼ବିଲ ରୁଙ୍ଗଟା କଲୋନୀ ଅଫିସର୍ସ କ୍ଲବ୍‌ରେ ପରିବେଶ ଓ ଖଣିଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣି ସ୍ଥାନ, ଖଣିଜ ଶିଳ୍ପ ପରିଦର୍ଶନ, ଉଦ୍ଭିଦ ଏବଂ ପଥର, ଖଣି, ଖଣିଜ ନମୁନା ଚିହ୍ନଟ, ଓଡ଼ିଶାର ଖଣିଜ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରବନ୍ଧ ଏବଂ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୨ଟି ବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ହିରକ ମଜୁମଦାର, ସମ୍ମାନିତ ଅତିଥିଭାବେ ଯୋଡ଼ା ମାଇନିଂ ସର୍କଲର ଖଣି ଅଧିକାରୀ ଦୀପକ ଧୁଆ ଯୋଗଦେଇଥିଲେ। ଏସଜିଏଟିର ଭାରତୀୟ ବ୍ୟୁରୋ ଅଫ ମାଇନ୍ସ ଓ ପୂର୍ବତନ ମାଇନ୍ସ ନିୟନ୍ତ୍ରକ ଆଲୋକ ବିହାରୀ ପାଣିଗ୍ରାହୀ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଯୋଗିତାରେ ନୂଆଁମୁଣ୍ଡି ଟାଟା ଡିଏଭି ପବ୍ଲିକ୍ ସ୍କୁଲର ବାସ୍‌ମା କାଉସର ଓ ସିଦ୍ଧାନ୍ତ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯୋଡ଼ା ସେଣ୍ଟ ଟେରେସା ସ୍କୁଲର ଶ୍ରୀୟାସୀ ଗୋସ୍ୱାମୀ ଓ ପ୍ରତ୍ୟୁସ କୁମାର ଦ୍ୱିତୀୟ ସ୍ଥାନ, ବଡ଼ବିଲ ଜିନ୍ଦଲ ସ୍କୁଲର ଶ୍ରଦ୍ଧା ସୁମନ ସ୍ୱାଇଁ ଓ ସତ୍ୟ ସାଗର ସେନାପତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିଃ. ପକ୍ଷରୁ ଅଭିଜିତ ସେନ, ଆର. ଅଗ୍ରୱାଲ, ଏଲଏନ. ରାଉତ, ରିତେଶ ରଞ୍ଜନ, ସରୋଜ ଦାସ, ଡି.ପି. ମହାପାତ୍ର, ଦୀପାଞ୍ଜୟ ନାୟକ, ସିଦ୍ଧାର୍ଥ ପଟ୍ଟନାୟକ, ସୁଶୀଲା ମହାପାତ୍ର, ନରବେରାମ ପାୱାର ଆଣ୍ଡ ଷ୍ଟିଲ ଲିଃର ଏସଏନ ରଣା ଯୋଗ ଦେଇଥିଲେ। ଯୋଡା ଖଣି ଉପ ନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲ, ଖଣି ଅଧିକାରୀ ଏବଂ ଯୋଡ଼ା ମାଇନିଂ ସର୍କଲର ସମସ୍ତ ସଦସ୍ୟ, ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ସମସ୍ତ ଅଧିକାରୀ, ନରବେରାମ ପାୱାର ଆଲାୟଡ ଷ୍ଟିଲ ଲିଃର ଅଧିକାରୀ, ଶିକ୍ଷକ ଓ ଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ୨୨ବର୍ଷ ପରେ ପରିବେଷଣ ହେଲା ମୋଗଲ ତାମସା

ଭଦ୍ରକ ଅଫିସ, ୧୩।୧୧


ମଞ୍ଚରେ ମୋଗଲ ତାମସା ପରିବେଷଣ କରୁଛନ୍ତି କଳାକାର।

ଭଦ୍ରକ କୁଆଁସ ରଥଦାଣ୍ଡରେ ଶନିବାର ରାତିରେ ଗ୍ରାମବାସୀଙ୍କ ଦ୍ୱାରା ଐତିହାସିକ ମୋଗଲ ତାମସା ପରିବେଷଣ ହୋଇଛି। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୋଗଲ ସମ୍ରାଟଙ୍କ ଦରବାର ବିଜେ ଓ ସ୍ୱାଗତ ସମ୍ବର୍ଦ୍ଧନା ନିଆରା ଢଙ୍ଗରେ କରାଯାଇଥିଲା। ଦୀର୍ଘ ୨୨ବର୍ଷ ପରେ ମୋଗଲ ତାମସା ପରିବେଷଣ ହେଉଥିବାରୁ ବହୁ ସଂଖ୍ୟକ ଲୋକ ରାତି ଅନିଦ୍ରା ହୋଇ ଦେଖିଥିଲେ। ଫେଲୋଶିପ୍ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ନିର୍ଦ୍ଦେଶନାରେ ମୋଗଲ ସମ୍ରାଟ ମିର୍ଜା ସାହେବ ଭୂମିକାରେ କୁଆଁସର ବିଜୟ ମହାନ୍ତି ଅଭିନୟ କରିଥିଲେ। ଅନ୍ୟ ସହ କଳାକାର ଭାବେ ରବିନାରାୟଣ କର, ସନ୍ତୋଷ ଦାସ, ଅତୀଶ ବେହେରା, ଭାସ୍କର ନାୟକ, ଚିନା ମହାପାତ୍ର, କାର୍ତ୍ତିକ ବେହେରାଙ୍କ ସମେତ କୁଆଁସ ଗ୍ରାମର ପୁରୁଣା କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ ପ୍ରଦର୍ଶନ କରିଥିଲେ। ଏଥିପାଇଁ ଦେଢ଼ମାସ ଆଗରୁ ଆଖଡ଼ା ଆରମ୍ଭ କରାଯାଇଥିଲା। ମୋଗଲ ତାମସାର ଇତିହାସ ଭଦ୍ରକ ସହରରେ ଭାଇଚାରା ସୃଷ୍ଟି କରିବା ସହ ସମସ୍ତଙ୍କୁ ଏକତ୍ର କରିବା ପାଇଁ ପ୍ରୟାସ କରାଯାଇଥିବା ବୋଲି ନିର୍ଦ୍ଦେଶକ ମହାନ୍ତି କହିଛନ୍ତି।

ମୋଗଲ ଶାସନ କାଳରେ ବିଭିନ୍ନ ଅଞ୍ଚଳରେ କରାଯାଇଥିବା କ୍ୟାମ୍ପରେ ମୋଗଲ ସମ୍ରାଟ ମିର୍ଜା ସାହେବ ଆଗମନ କରି ଶାସନ ପଦ୍ଧତି, କର ଆଦାୟ ଆଦି ବିଭିନ୍ନ କଥାବସ୍ତୁକୁ ନେଇ ମୋଗଲ ତାମସା ରଚନା ହୋଇଛି। ହିନ୍ଦୁ ଓ ମୁସ୍‌ଲିମଙ୍କ ଭାଇଚାରା ଓ ମୈତ୍ରୀକୁ ନେଇ କୁଆଁସ ଗ୍ରାମର ସ୍ୱର୍ଗତ ବଂଶୀବଲ୍ଲଭ ଗୋସ୍ୱାମୀ ଏହାକୁ ରଚନା କରିଥିଲେ। ସ୍ୱର୍ଗତ ବ୍ରଜବଲ୍ଲଭ ମହାପାତ୍ରଙ୍କ ଦ୍ୱାରା ୧୯୪୨ରେ କୁଆଁସରେ ମୋଗଲ ତାମସା ଆରମ୍ଭ କରାଯାଇଥିଲା। ଦୀର୍ଘବର୍ଷ ଧରି ବନ୍ଦ ରହିବା ପରେ ଗ୍ରାମବାସୀ ପୁଣି ଏକାଠି ହୋଇ ମୋଗଲ ତାମସା ପରିବେଷଣ କରିଛନ୍ତି।

## ୬ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶନିବାର ୬ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସ୍କୁଲକୁ ବିଳମ୍ବରେ ଆସିବା ନେଇ ଆନନ୍ଦପୁର ବ୍ଲକ୍ ଧକୋଠା ସରକାରୀ ହାଇସ୍କୁଲ ଏବଂ କୋଳିମାଟି ସ୍ଥିତ ସ୍ୱପ୍ନେଶ୍ୱର ଆଦିବାସୀ ହାଇସ୍କୁଲର ଏହି ୬ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- ବସ୍ତା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବାଲେଶ୍ୱର ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ- ଜିଲାପାଳଙ୍କ ଅଫିସ୍ ପରିସର, ସମୟ- ଅପରାହ୍ନ ୪ଟା।

**ଭଦ୍ରକ**

- ଜନଶୁଣାଣି ଶିବିର, ସ୍ଥାନ: ତିହିଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମଧୁମେହ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**

- କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା, ସ୍ଥାନ: ପାଟଣା ବ୍ଲକ ଡୁରୁମୁଙ୍ଗା, ସମୟ: ଅପରାହ୍ନ ୪ ଟା।

# କାମ ନାହିଁ କି, ଅଧିକାରୀ ନାହାନ୍ତି

## ନାଁଆକୁ ମାତ୍ର 'ମୋ ସରକାର କକ୍ଷ'

**ବାହାନଗା, ୧୩।୧୧(ଡି.ଏନ.ଏ.)**



ବାଲେଶ୍ୱର ଜିଲା ବାହାନଗା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାପନ କରାଯାଇଛି 'ମୋ ସରକାର କକ୍ଷ'। ଏହି କକ୍ଷ ବ୍ଲକ କାର୍ଯ୍ୟାଳୟ ପରିସରରେ ୨ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ସ୍ଥାପନ କରାଯାଇଥିଲେ ମଧ୍ୟ ସେ କକ୍ଷରେ କୌଣସି କାର୍ଯ୍ୟ ନାହିଁ କି କେହି ଅଧିକାରୀ ସେଥିପାଇଁ ନିଯୁକ୍ତି ହୋଇନାହାନ୍ତି। ରାଜ୍ୟ ସରକାର ୫-ଟି ଅଧୀନରେ ବିଭିନ୍ନ ବିଭାଗକୁ ସାମିଲ କରି ସେଗୁଡ଼ିକୁ ରୂପାନ୍ତରଣ କରି ଚଳଚଞ୍ଚଳ କରୁଛନ୍ତି। ତେବେ ଲୋକଙ୍କୁ ସୁବିଧା ଓ ସହଯୋଗ କରିବା ନିମନ୍ତେ 'ମୋ ସରକାର କକ୍ଷ' ଅଫିସ୍‌ଗୁଡ଼ିକରେ ସ୍ଥାପନ କରାଯାଇ ଲୋକଙ୍କ ବିଶ୍ୱାସ ସରକାରଙ୍କ ପ୍ରତି ବଢ଼ାଇବା ସହିତ ସରକାରୀ କାର୍ଯ୍ୟରେ ଯେପରି ସାଧାରଣ ଲୋକଟିଏ ଅସୁବିଧାର ସମ୍ମୁଖୀନ ନ ହେବ ସେଥିପ୍ରତି ରାଜ୍ୟ ସରକାର 'ମୋ ସରକାର କକ୍ଷ' ବ୍ଲକ କାର୍ଯ୍ୟାଳୟରେ ଖୋଲି ଜଣେ ନୋଡାଲ ଅଫିସରମାନଙ୍କୁ ସେଠାରେ ନିଯୁକ୍ତି କରିଥାନ୍ତି। ମାତ୍ର ବାହାନଗା ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ୨ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲାଣି 'ମୋ ସରକାର କକ୍ଷ' ଖୋଲାଯାଇଛି । ହେଲେ ସେ କକ୍ଷରେ ବସିବା ପାଇଁ କେହି ନୋଡାଲ ଅଫିସର ନିଯୁକ୍ତ ହୋଇନାହାନ୍ତି। ସାଧାରଣ ଲୋକ ବ୍ଲକ ଯାଇ ସୁବିଧାରେ ନିଜର ଅଭିଯୋଗ କରିବା ବିଭିନ୍ନ ବିଭାଗ ବାବଦରେ ବୁଝାବୁଝି କରିବା ସହ ସାଧାରଣ ଲୋକଙ୍କୁ ମୋ ସରକାର କାର୍ଯ୍ୟ ବାବଦରେ ସଚେତନ କରିବାରେ ବାହାନଗା ବ୍ଲକ ବିଫଳ ହୋଇଛି। କେବଳ ମୋ ସରକାର କକ୍ଷ ଖୋଲା ହୋଇଥିଲେ ମଧ୍ୟ ତାହା ସାଧାରଣରେ କୌଣସି କାର୍ଯ୍ୟରେ ଆସୁନାହିଁ। କେବଳ ତାହା ଭିତରେ ଏକ ଟେବୁଲ ଚେୟାର ପଡିବା ସହିତ କିଛି ଭଙ୍ଗା ଚେୟାର ପଡିଛି। ଏ ବିଷୟରେ ବିଡିଓ ଗୌରାଙ୍ଗ ଘୋଷ କୁହନ୍ତି, ବ୍ଲକରେ ଆବଶ୍ୟକ କର୍ମଚାରୀ ନ ଥିବା ବେଳେ ଆମେ କାହାକୁ ଏହି କକ୍ଷରେ ବସାଇବୁ ବୋଲି ପ୍ରଶ୍ନ କରିଥିଲେ। ଏଠି ଜଣେ ନୋଡାଲ ଅଫିସର ଭାବେ ଡବ୍ଲ୍ୟୁଇଓ (ବ୍ଲକ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ) ନିଯୁକ୍ତି ହୋଇଥାନ୍ତି। ବ୍ଲକରେ କେହି ଡବ୍ଲ୍ୟୁଇଓ ନ ଥିବା ଫଳରେ ମୋ ସରକାର କକ୍ଷରେ ବସୁନାହାନ୍ତି। ତୁରନ୍ତ ସରକାରଙ୍କ ମୋ ସରକାର କକ୍ଷ ମାଧ୍ୟମରେ ସରକାରଙ୍କ ଯୋଜନା ଓ ବିଭିନ୍ନ ଅଫିସରେ ଲୋକଙ୍କୁ ସୁବିଧାରେ କାର୍ଯ୍ୟ କରାଇ ସରକାରଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ାଇବାକୁ ହେଲେ ତୁରନ୍ତ ବ୍ଲକ ପରିସରରେ ଥିବା 'ମୋ ସରକାର କକ୍ଷ'କୁ ତ୍ୱରାନ୍ୱିତ କରାଯିବାକୁ ଦାବି ହେଉଛି।

## 'ପ୍ରତିଭା ବିକାଶର ମାଧ୍ୟମ ମହୋତ୍ସବ'



ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଭଦ୍ରକ ଅଫିସ, ୧୩।୧୧**

ନୃତ୍ୟ, ସଙ୍ଗୀତ ଜୀବନରେ ରଙ୍ଗ ଭରିଦିଏ। ନାଚ ଶିଖୁଥିବା କୁନି କଳାକାରମାନେ ଭବିଷ୍ୟତରେ ଆମ ସାଂସ୍କୃତିକ ପରମ୍ପରାକୁ ଋଦ୍ଧିମନ୍ତ କରିବେ ବୋଲି ଭଦ୍ରକ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକର ନୃତ୍ୟାନୁଷ୍ଠାନ ମନ୍ଦିରା ପକ୍ଷରୁ ଶନିବାର ଶହୀଦ ସ୍ମୃତି ଭବନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶିଶୁମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, କବି ପ୍ରଶାନ୍ତ ଦାସ ଓ ଉପଦେଷ୍ଟା ଅଶୋକ କୁମାର ଜେନା ଯୋଗଦେଇ କୁନି ନୃତ୍ୟଶିଳ୍ପୀମାନଙ୍କ ପ୍ରତିଭାର ବିକାଶ ପାଇଁ ମହୋତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଫେସର ଅଟଳ ବିହାରୀ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁଷ୍ପମିତ୍ରା ବେହେରା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ମନ୍ଦିରା ନୃତ୍ୟାନୁଷ୍ଠାନର ନୃତ୍ୟଗୁରୁ ଶ୍ୱେତପଦ୍ମା ଜେନା ଧନ୍ୟବାଦ ଦେଇଥିଲେ।

## ମାନବିକ ଅଧିକାର କମିଶନଙ୍କ ନୋଟିସ

### ହଷ୍ଟେଲରେ ଖାଦ୍ୟ ନ ମିଳିବା ଘଟଣା

ଠାକୁରମୁଣ୍ଡା,୧୩।୧୧(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅଧୀନରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପରିସରରେ ରହିଥିବା ଆଦିବାସୀ ଛାତ୍ରୀନିବାସ ଏବଂ କେଶଡ଼ିହା ଆଶ୍ରମ ବିଦ୍ୟାଳୟରେ ଥିବା ହଷ୍ଟେଲରେ ଛାତ୍ରୀମାନେ ଖାଇବାକୁ ନ ପାଇବା ଓ ମୌଳିକ ସୁବିଧାରୁ ବଞ୍ଚିତ ଅଭିଯୋଗ ହୋଇଥିଲା। ଏନେଇ ଜାତୀୟ ମାନବିକ ଅଧିକାର କମିଶନ ଡ. ଜ୍ଞାନେଶ୍ୱର ମନୋହର ମୁଲେ ରାଜ୍ୟ ଆଦିବାସୀ ଓ ହରିଜନ ବିଭାଗର ମୁଖ୍ୟ ସଚିବ ଓ ମୟୂରଭଞ୍ଜ ଜିଲାପାଳଙ୍କୁ ନୋଟିସ୍ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ମାନବିକ ଅଧିକାର କର୍ମୀ ଆଡ୍‌ଭୋକେଟ ରାଧାକାନ୍ତ ତ୍ରିପାଠୀଙ୍କ ଆବେଦନ କ୍ରମେ ମାମଲା ରୁଜୁ କରି କେସ ନଂ. ୩୯୭୨/୧୮ସେପ୍ଟେମ୍ବର ୨୨ ଅନୁଯାୟୀ କମିଶନ ଏହି ନୋଟିସ କରିଛନ୍ତି।

# ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

### ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖୁଣ୍ଟା/ ଗୋପବନ୍ଧୁନଗର, ୧୩।୧୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ଟୁର୍ଣ୍ଣାମେଣ୍ଟରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଓ ମୟୂରଭଞ୍ଜ କଲେଜ ଅଫ୍ ଏକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଏମ୍‌ସିଏଏମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୬ ଉଇକେଟ ହରାଇ ୧୧୨ରନ୍ ସଂଗ୍ରହ କରିଥିଲା। ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ମହିଳା ଦଳ ୧୫.୩ ଓଭରରେ ୫ ଉଇକେଟ ହରାଇ ବିଜୟୀ ଲକ୍ଷ୍ୟ ପୂର୍ଣ୍ଣ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୁଣ୍ଟା ବ୍ଲକର ପୂର୍ବତନ ଅଧ୍ୟକ୍ଷା ପୁଷ୍ପଲତା ମାରାଣ୍ଡି ଏବଂ ସମ୍ମାନିତ ଅତିଥି ଭାବେ ଡ. ପ୍ରଭାଞ୍ଜନ ମଲ୍ଲିକ, ପ୍ରଦୀପ୍ତ ରଞ୍ଜନ ଦାସ, ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ଏମ୍‌ସିଏଏମ୍‌ର ଅଧ୍ୟକ୍ଷ ପ୍ରଦୀପ କୁମାର ନାଏକ, ପ୍ରଶିକ୍ଷକ ମଦନ ମୋହନ ସାହୁ, ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଟିମ୍‌କୁ ଚାମ୍ପିୟନ ଏବଂ ଏମ୍‌ସିଏଏମ୍ ଟିମ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା।

## ଘରେ ପଶି ଗହଣା ନେଇଗଲେ

**ସାରସକଣା, ୧୩।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଯୋକା ପଞ୍ଚାୟତ ଉପରବେଡ଼ା ଗ୍ରାମର ଫୁଲେଶ୍ୱରୀ ମହାକୁଡ଼ଙ୍କ ଘରେ ପଶି ଦୁର୍ବୃତ୍ତ ଗହଣା ଲୁଟି ନେଇଛନ୍ତି। ଏନେଇ ସେ ଝାରପୋଖରୀଆ ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନରେ ଫୁଲେଶ୍ୱରୀଙ୍କ ସ୍ୱାମୀ ଉଗ୍ରସେନ ମହାକୁଡ଼ ଛେଳି ଚରାଇବାକୁ ଯାଇଥିବା ବେଳେ ସେ ଧାନ କାଟିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ପଶି ସୁନାର ମଙ୍ଗଳସୂତ୍ର, କାନଫୁଲ ଓ ରୁପା ପାଉଁଜି ଲୁଟି ନେଇଥିଲେ। ଏନେଇ ପୋଲିସ ନଂ. ୨୬୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାଏକ କହିଛନ୍ତି।

## ସୁବର୍ଣ୍ଣରେଖା ବୋଇତବନ୍ଦାଣ ଉତ୍ସବ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

**ଜଳେଶ୍ୱର, ୧୩।୧୧(ଡି.ଏନ୍.ଏ)**

୫ ଦିନ ଧରି ସୁବର୍ଣ୍ଣରେଖା କୂଳ ରାଜପୁରଠାରେ ଅନୁଷ୍ଠିତ ହୋଇ ଆସୁଥିବା ସୁବର୍ଣ୍ଣରେଖା ବୋଲିତ ବନ୍ଦାଣ ଉତ୍ସବ ଗତ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉତ୍ସବରେ ସିଦ୍ଧାର୍ଥ ଶଙ୍କର ପାଳ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗଦେଇ ଓଡିଶାର ନୌବାଣିଜ୍ୟ ଇତିହାସ ଓଡ଼ିଆଙ୍କ ଅତୀତ ଐତିହ୍ୟ, ପରମ୍ପରା ଓ ନୌଯାତ୍ରାକୁ ମନେ ପକାଇଥାଏ ଓ ଭବିଷ୍ୟତ ପିଢ଼ିକୁ ଅର୍ଥ ଉପାର୍ଜନର ରାହା ଦେଖାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବ୍ରଜମୋହନ ପ୍ରଧାନ ଯୋଗଦେଇ ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିର ଅନ୍ୟଏକ ଦିଗ ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପରିଡ଼ା, ବ୍ରଜବଲ୍ଲଭ ସାହୁ, ସୁନିଲ ମହାନ୍ତି, ଜ୍ୟୋତିର୍ମୟାନନ୍ଦ ପାଳ, ସୀତାରାମ ଦାସ, ଗିରିଜା ଶଙ୍କର ଦାସ, ଦେବଯାନୀ ବିଶ୍ୱାଳ, ସୁହାନା ବିବି, ସାଧନା ବାସ୍କେ, ସୁମିତ୍ରା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କମଳାକାନ୍ତ ଦେ ମଞ୍ଚ ଆହ୍ୱାନ କରିଥିବା ବେଳେ ତପନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ ଇଲେକ୍ଟ୍ରୋନିକ୍ସ ପ୍ଲାଜା ପକ୍ଷରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଭଣ୍ଡାରିପୋଖରୀ,୧୩।୧୧ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନିର୍ମଳ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିଇଓ ଅଧିର କୁମାର ତରାଇ, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ସରପଞ୍ଚ ସୁଜାତା ସାହୁ, ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଗୋଲକ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ, ସୁଧାକର ଦାସ, ତାରାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୭୦ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଡ. ଆଶୁତୋଷ ବଳ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପ ମନୋନୀତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପବନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଆଚାର୍ଯ୍ୟା ଜ୍ୟୋତିରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ କେଶବ ଚନ୍ଦ୍ର ସେଠୀ, ସନ୍ତୋଷ ପ୍ରଧାନ, ସିତା ରାଉତ, ସସ୍ମିତା ମହାନ୍ତି, ଦମୟନ୍ତୀ ଗୁରୁମା ପ୍ରମୁଖ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଜେଏମ୍‌ବିସି ଚାମ୍ପିୟନ

**ନୀଳଗିରି, ୧୩।୧୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଭଉଁରୀୟାବାଡ଼ ପଞ୍ଚାୟତର ବଣଭୁଇଁ ପଡ଼ିଆରେ ବିର୍ସାମୁଣ୍ଡା ୟୁଥ କ୍ଲବ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ହାତୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମଲ୍ଲିକ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳର ଜିଲାପାଳ ତଥା ନୀଳଗିରି ମାଟିର ସନ୍ତାନ ସରୋଜ କୁମାର ସେଠୀ ଯୋଗଦେଇ ଖେଳାଳିମାନେ ଖେଳୁଆଡ଼ ମନୋଭାବ ରଖି ଖେଳିଲେ ସୁନାମ ଅର୍ଜନ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅନ୍ତର୍ଯାମୀ ବାଗୁଡ଼ାଇ, ମନୋରଞ୍ଜନ ବେହେରା, ଅଞ୍ଜଳି ସେଠୀ, ପ୍ରତିମା ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟିଆକଟାର ରୟାଲ ଟାଇଗର ଓ ହାତୀମୁଣ୍ଡାର ଜେଏସ୍‌ବିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେଏସ୍‌ବିସି ଟିମ୍ ୧-୦ ଗୋଲରେ ଚାମ୍ପିୟନ ହୋଇଥିବା ବେଳେ ରୟାଲ ଟାଇଗର ଟିମ୍ ରନର୍ସ ଅପ ହୋଇଥିଲା। ରତନ କୁମାର ସ୍ୱାଇଁ ଓ ତ୍ରିଲୋଚନ ସିଂ ଖେଳ ପରିଚାଳନା କରିଥିଲେ। କ୍ଲବର ସଭାପତି ଦୀଲିପ କୁମାର ସିଂ, ସମ୍ପାଦକ ଦୀପକ ଦେଉରୀ, ସଭ୍ୟ ଚନ୍ଦନ ଦେଉରୀ, ରମେଶ ଦେଉରୀ, ସାଗର ଦେଉରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରତିକାନ୍ତ ବେହେରା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଯୋଡ଼ା, ୧୩।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଶାସ୍ତ୍ରୀନଗର ନିବାସୀ ଗୋପାଳଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ମଲ୍ଲୀମାଳା ସାହୁଙ୍କ ରବିବାର ପରଲୋକ ହୋଇଛି। ପ୍ରାୟ ଏକମାସ ହେବ ଯକୃତ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ଶାସ୍ତ୍ରୀ ନଗର ଅଞ୍ଚଳରେ ଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ସ୍ୱାମୀ ଗୋପାଳଚନ୍ଦ୍ର ଯୋଡ଼ା ସହରର ପ୍ରତିଷ୍ଠିତ ବ୍ୟକ୍ତି ଭାବେ ବେଶ ଜଣାଶୁଣା। ତେଣୁ ତାଙ୍କ ସ୍ତ୍ରୀଙ୍କ ବିୟୋଗ ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ତାଙ୍କ ପାଖରେ ସ୍ୱାମୀ, ଦୁଇ ପୁଅ-ବୋହୂ, ଦୁଇ ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଝିଆରୀ, ପୁତୁରା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଖବରଦାତାଙ୍କ ମୃତ୍ୟୁ

**ରୂପ୍‌ସା, ୧୩।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଆଘିରିଆ ଗ୍ରାମର ଖବରଦାତା ରାଜା ଓରଫ୍ ସୁଶାନ୍ତ କୁମାର ବେହେରା (୩୨) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ରାତିରେ ପ୍ରାଣ ହରାଇଛନ୍ତି। ସାନଭାଇର ଜନ୍ମଦିନ ପାଳନ ଅବସରରେ ପରିବାର ଲୋକେ ଖୁସି ମନାଉଥିଲେ। ଭୋଜିଭାତ ପାଇଁ ପ୍ରସ୍ତୁତି ପର୍ବ ଚାଲିଥିଲା। ରାତିରେ ରୋଷେଇ ଘରକୁ ଆଉ ଏକ ବିଦ୍ୟୁତ୍ ବଲ୍‌ବ ସଂଯୋଗ କରୁଥିବା ବେଳେ ରାଜା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସାନଭାଇ ବଜାରକୁ ଜନ୍ମଦିନ କେକ୍ ଆଣିବା ପାଇଁ ଯାଇଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ରାଜାଙ୍କୁ ସ୍ଥାନୀୟ ଲୋକେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଏସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରବିବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ତାଙ୍କ ମୃତ୍ୟୁରେ ରବିବାର ରୂପ୍‌ସା ବଜାର ବନ୍ଦ ରହିଥିଲା।

## କୃଷ୍ଣ ଲୀଳା ଲୋକନୃତ୍ୟ ସଂଘ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ସଂଘ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

**କେନ୍ଦୁଝର, ୧୩।୧୧(ସ୍ୱ.ପ୍ର)**

କୃଷ୍ଣ ଲୀଳା ଲୋକ ନୃତ୍ୟ ସଂଘର କେନ୍ଦୁଝର ଜିଲା ଶାଖା ପକ୍ଷରୁ ରବିବାର ଝୁମ୍ପୁରା ବ୍ଲକ୍‌ର ମଲଦା ପଞ୍ଚାୟତ ଜାମିରଡ଼ିହ ଗ୍ରାମରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରଥମେ ଗାଁରେ ପହଞ୍ଚି ନିଶା ନିବାରଣ ଏବଂ ସ୍ୱଚ୍ଛତା ସମ୍ବନ୍ଧରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ପରେ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ଅସହାୟମାନଙ୍କୁ କମ୍ବଳ ପ୍ରଦାନ କରିଥିଲେ। ସଂଘର ଉପସଭାପତି ସୁରେଶ ଚନ୍ଦ୍ର ମହାକୁଡ଼, ରସାନନ୍ଦ ବାରିକ, ସମ୍ପାଦକ ନିର୍ମଳଚନ୍ଦ୍ର ବାରିକ, ଉପଦେଷ୍ଟା ଅଖିଳଚନ୍ଦ୍ର ବାରିକ, ରାଉତରାୟ ଆପଟ୍ଟ, ଯୁଗ୍ମ ସମ୍ପାଦକ ଧବଳେଶ୍ୱର ବେହେରା, କୋଷାଧ୍ୟକ୍ଷ ଭଜମନ ବାରିକ, କାର୍ଯ୍ୟକାରୀ ସଦସ୍ୟ ବିଜୟ ଖୁଣ୍ଟିଆ, ନାରାୟଣ ବେହେରା, ମଧୁସୂଦନ ଖୁଣ୍ଟିଆ ପ୍ରମୁଖ ଜାମିରିଡ଼ିହ ଗ୍ରାମରେ ପହଞ୍ଚି ଶତାଧିକ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ।

# 'ଜନସାଧାରଣଙ୍କ ପାଇଁ ଲଢୁଥିଲେ କମଳାକାନ୍ତ'




ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

**ଖଇରା, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା, ସବୁଜପତ୍ରିକାଧାରୀ ସଂଘର ପ୍ରାକ୍ତନ ସଭାପତି ତଥା ଜଣେ ସଂଗ୍ରାମୀ ମଣିଷ ଭାବେ ଘରେ ଘରେ ପରିଚିତ ସ୍ୱର୍ଗତ କମଳାକାନ୍ତ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶନିବାର କୁପାରୀସ୍ଥିତ କମଳିନୀ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୁଷ୍ମାନ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ୩ନଂ. ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ତାଙ୍କର ପାରିବାରିକ ବନ୍ଧୁ ତଥା ରାଜ୍ୟ କଳା, ସଂସ୍କୃତି ଏବଂ ମାନବ ସମ୍ବଳ ବିଭାଗର ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ କମଳାକାନ୍ତଙ୍କ ପ୍ରତ୍ୟେକ କାର୍ଯ୍ୟ ନିସ୍ୱାର୍ଥପର ଥିଲା। ସାଧାରଣ ଲୋକଙ୍କ ଭାଷା ବୁଝି ପାରୁଥିବା ଏହି ମଣିଷର ଜୀବନ ସଂଗ୍ରାମପୂର୍ଣ୍ଣ ଥିଲା ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ଗଡପୋଖରୀ ସମିତିସଭ୍ୟ ଶତ୍ରୁଘ୍ନ ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଫାଉଣ୍ଡେଶନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପ୍ରଦୀପ କୁମାର ଦାସ, ବିକାଶ ଚୌଧୁରୀ, ଜୟନ୍ତ ପାଢୀ, ସବିତା ବିଶ୍ୱାଳ, ରବୀନ୍ଦ୍ର ଦାସ ଓ ହେମନ୍ତ ଦାସ ପ୍ରମୁଖଙ୍କ ସହଯୋଗରେ ସଭା ହୋଇଥିଲା।

# କୁଟୀର ଶିଳ୍ପରେ ପରିଣତ ହୋଇଛି ଦେଶୀମଦ

**ପାଟଣା, ୧୩।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅଞ୍ଚଳରେ ମହୁଲି ମଦ ତିଆରି ଏକ ପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଛି। ପାଟଣା ଓ ସାହାରପଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଥିବା ନଦୀ କୂଳ, ପୋଖରୀ ହୁଡ଼ା ଓ ଜଙ୍ଗଲ ମଧ୍ୟରେ ଅବାଧରେ ମହୁଲି ମଦ ପ୍ରସ୍ତୁତ କରାଯାଉଛି। ଏହାକୁ ମାଫିଆମାନେ ବାଇକ୍, ଅଟୋ ଯୋଗେ ନିକଟସ୍ଥ ଗ୍ରାମକୁ ଚାଲାଣ କରୁଛନ୍ତି। ମଦ୍ୟପାନ ଯୋଗୁ ପାରିବାରିକ ଅଶାନ୍ତି ସହ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଉଭୟ ଅବକାରୀ ଓ ପୋଲିସ ବିଭାଗ ଅବଗତ ଥିଲେ ବି ଢିଲା କାର୍ଯ୍ୟାନୁଷ୍ଠାନ ଯୋଗୁ ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପାଉଛି। ପାଟଣା ବ୍ଲକ୍‌ର ହୀରାପଶି, ବାଇଦିବଜା, ଗୁଡ଼ିଆପଡ଼ା, ପୁରୁଣା ପାଣି, ନୂଆଗାଁ, ଜାମୁପଶି, ଗୁଠୁଭୂଇଁ, ସାହାରପଡ଼ା ବ୍ଲକ୍‌ର ଚୁନୁସାହି, ରାଧାପୁର, କଣ୍ଢେଇପଡ଼ା, ଭାଳିଆଡ଼ିହା, ହରିହରପୁର, ଦାମାହୁଦା, ବାଲିପଶି, ବଡ଼ପଡ଼ା ଆଦି ଗ୍ରାମରେ ବହୁଳ ଭାବେ ଦେଶୀ ମଦ (ମହୁଲି) ରନ୍ଧା ଯାଉଛି। ମଦ ମାଫିଆମାନେ ଏହାକୁ ନିକଟସ୍ଥ ଗ୍ରାମଗୁଡ଼ିକୁ ଚାଲାଣ କରୁଛନ୍ତି। ଦୀର୍ଘଦିନରୁ ଏ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ବେଳେ ଅବକାରୀ ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ମଦ ମାଫିଆ ଓ କିଛି ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳ ଛାଡ଼ି ଚାଲିଯାଉଛନ୍ତି। କର୍ମଚାରୀମାନେ କେବଳ ସରଞ୍ଜାମ ଜବତ କରି ମଦ ପାଇଁ ପ୍ରସ୍ତୁତ ହୋଇଥିବା ପୋଚକୁ ନଷ୍ଟ କରି ଫେରୁଛନ୍ତି। ଉଭୟ ବ୍ଲକ୍‌ରେ ବିଷାକ୍ତ ମଦ ପିଇ ଲୋକେ ରୋଗଗ୍ରସ୍ତ ହେବା ସହ ପାରିବାରିକ ଅଶାନ୍ତି ବୃଦ୍ଧି ପାଉଛି। ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟୁଥିବା ନଜିର ମଧ୍ୟ ରହିଛି। ଏନେଇ ଜିଲା ଅବକାରୀ ଅଧୀକ୍ଷକ ନାରାୟଣ ମେହେରଙ୍କୁ ପଚାରିବାରେ କହିଥିଲେ ଯେ, ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚୋରାମଦ କାରବାର ଉପରେ ଚଢ଼ାଉ ହେଉଛି। ଆଗକୁ ଏହା ବ୍ୟାପକ କରାଯାଇ ମଦ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ନଦୀକୂଳରେ ଦେଶୀମଦ ରନ୍ଧା ହେଉଛି।

### ସାମଗ୍ରୀ ଜବତ, ପୋଚ ନଷ୍ଟରେ ସୀମିତ କାର୍ଯ୍ୟାନୁଷ୍ଠାନ

